ସମ୍ମାନନୀୟ ସଭାପତି ମହୋଦୟ, ପୂଜ୍ୟ ଗୁରୁଜୀ ଓ ଗୁରୁମା ବୃନ୍ଦ, ଏଠାରେ ଉପସ୍ଥିତ ଥିବା ମୋର ଛୋଟ ବଡ ଭାଇ ଓ ଭଉଣୀମାନେ ଏବଂ ମୋର ସହପାଠୀ ଗଣ । ଆଜିକାର ଏହି ପବିତ୍ର ସ୍ଵାଧୀନତା ଦିବସରେ ମୋତେ କିଛି କହିବାର ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି । ଆଜି ହେଉଛି ୭୭ତମ ସ୍ଵାଧୀନତା ଦିବସ । ଏହି ଅବସରରେ ମୁଁ ମୋ ଦେଶ ପ୍ରତି ମହାଭାରତୀୟ ଓ ଜାତି ପ୍ରତି ନମ୍ର କୃତଜ୍ଞତା ଜ୍ଞାପନ କରୁଛି । ସ୍ଵାଧୀନ ଶବ୍ଦଟି ସମସ୍ତଙ୍କ ପାଇଁ ସ୍ଵାଗତ ଯୋଗ୍ୟ ଓ ପରାଧୀନ ଶବ୍ଦଟି ନିଶ୍ଚୟ କଷ୍ଟ ଦାୟକ । ବଣର ପଶୁପକ୍ଷୀ ମଧ ପଞ୍ଜୁରୀରେ ରହିବାକୁ ଚାହାଁନ୍ତି ନାହିଁ କାରଣ ସମସ୍ତେ ମୁକ୍ତ ଓ ସ୍ଵାଧୀନ ଅଟନ୍ତି । ସ୍ଵାଧୀନତା ହେଉଛି ମଣିଷର ଜନ୍ମଗତ ଅଧିକାର । ପ୍ରତ୍ୟେକ ମଣିଷର ସ୍ଵାଧୀନ ଭାବରେ ବଞ୍ଚିବାର ଅଧିକାର ଅଛି । ମାତ୍ର ଏହି ସ୍ଵାଧୀନତାକୁ ଇଂରେଜ ମାନେ ଛଡେଇ ନେଉଥିଲେ । ସ୍ଵାଧୀନ ପ୍ରାପ୍ତିର ପୂର୍ବ ସମୟ ଥିଲା ଆମ ପାଇଁ ଦୁଃଖ ଦର୍ଦ୍ଦଶା ଓ ଯନ୍ତ୍ରଣାର ଦିନ । ଇଂରେଜ ବାଣିଜ୍ୟ କରିବା ନାଁ ରେ ଆସି ଆମ ଦେଶକୁ ଶାସନ କରୁଥିଲେ । ଦେଶର ଧନ, ସମ୍ପଦ ଓ ଦ୍ରବ୍ୟ ଲୁଟି ନେଉଥିଲେ । ସେତେବେଳେ କଥା କହିବା, କାମ କରିବା, ଖାଇବା ପିଇବା , ବସିବା ଉଠିବାରେ ଆମର ସ୍ଵାଧୀନତା ନଥିଲା । ଶାସକ ଯାହା ଚାହୁଁଥିଲେ ଯେମିତି ଚାହୁଁଥିଲେ ଆମେ ସେମିତି ଚାଲିବାକୁ ବାଧ ହେଉଥିଲୁ । ପ୍ରତିବାଦ କଲେ ଲାଠି ପାହାର, ଗୁଳିମାଡ, ଜେଲ୍ ଦଣ୍ଡ ଭୋଗିବାକୁ ପଡୁଥିଲା । କିନ୍ତୁ ଏସବୁକୁ ଖାତିର ନକରି ସ୍ଵାଧୀନତା ସଂଗ୍ରାମର କର୍ଣ୍ଣଧାରା ମଙ୍ଗଳ ପାଣ୍ଡେ ୧୮୫୭ ମସିହାରେ ଇଂରେଜ ମାନଙ୍କ ବିରୋଧରେ ବିପ୍ଲବ ମଞ୍ଜି ବୁଣିଥିଲେ । ପରେ ୧୮୫୮ ମସିହାରେ ଝାନ୍ସୀରାଣୀ ଲକ୍ଷ୍ମୀବାଇ ଓ ତାନ୍ତିଆ ଟୋପେ ଏହି ବିପ୍ଲବକୁ ଆଗେଇ ନେଇଥିଲେ । ଖୁଦିରାମ, ଜଗତସିଂହ, ଚନ୍ଦ୍ରଶେଖର ଆଜାଦ୍ ସ୍ଵାଧୀନତା ପାଇଁ ହସି ହସି ଫାସୀ ଖୁଣ୍ଟରେ ଝୁଲି ପଡିଲେ । ଲାଲ୍- ବାଲ୍- ପାଲ୍ ଙ୍କ ବନ୍ଦେ ମାତରଂ ସ୍ଲୋଗାନ, ଗାନ୍ଧୀଜୀଙ୍କ ସତ୍ୟାଗ୍ରହ ଗୋରା ସରକାରଙ୍କ ଶାସନ ଗାଦିକୁ ଟଳମଳ କରିଦେଉଥିଲା । ଆମର ପ୍ରିୟ ନେତା ସୁବାଷ ବୋଷଙ୍କ "ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ଵାଧୀନତା ଦେବି" ର ତେଜଭରା କଣ୍ଠରେ ଭାରତର ଶହ ଶହ ଯୁବକ ଓ ନରନାରୀଗଣ ଆମ ମାତୃଭୂମି କୁ ରକ୍ଷା କରିବା ପାଇଁ ଆଗେଇ ଆସିଥିଲେ । ଆଜି ଯେଉଁ ଚିତ୍ର ଶୋଭିତ ଜାତୀୟ ପତାକା ତ୍ରିରଙ୍ଗା ଫରଫର ହୋଇ ଉଡୁଛି , ତାହା ହେଉଛି ବୀର ପୁରୁଷ ମାନଙ୍କର ଆତ୍ମବଳି ଯୋଗୁଁ। ମୁଁ ଆଜି ସେହି ସ୍ବଦେଶ ବତ୍ସଳ, ତ୍ୟାଗୀ, ବୀରନେତା ମାନଙ୍କୁ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରୁଛି । ତାଙ୍କର ତ୍ୟାଗ ବଳିଦାନ ଯୋଗୁଁ ଆମ ଭାରତମାତା ପରାଧିନତାର ଶୃଙ୍ଖଳ ଛିନ୍ନ କରି ୧୯୪୭ ମସିହା ଅଗଷ୍ଟ ୧୫ତାରିଖ ଦିନ ସ୍ଵାଧୀନତା ହାସଲ କଲା । ସେହିଦିନଠାରୁ ଆମେ ପ୍ରତି ବର୍ଷ ଏହି ଦିନଟିକୁ ସ୍ଵାଧୀନତା ଦିବସ ରୂପେ ପାଳନ କରି ଆସୁଛୁ । ସ୍ଵାଧୀନତା ଦିବସ ପ୍ରତ୍ୟେକ ଭାରତ ବାସୀଙ୍କ ପାଇଁ ଗର୍ବ ଓ ଗୌରବର ଦିନ । ଏହି ଦିବସ ପାଳନ କରିବା ଦ୍ୱାରା ଭାରତବର୍ଷକୁ ସ୍ଵାଧୀନ କରିଥିବା ସଂଗ୍ରାମୀ ମାନଙ୍କ ସାହାସ ଓ ତ୍ୟାଗ ମନେ ପଡିଥାଏ ଏବଂ ଆମ ଦେଶବାସୀ କେତେ କଷ୍ଟ ସହି ସ୍ଵାଧୀନତା ଆଣିଛନ୍ତି ତାହା ଆମ ମନରେ ଦେଶ ପ୍ରେମ ଜାଗ୍ରତ କରିଥାଏ । ଆଜିର ଏହି ପବିତ୍ର ସ୍ଵାଧୀନତା ଦିବସରେ ଆମେ ସମସ୍ତେ ଶପଥ ନେବା, ସମସ୍ତେ ମିଳିମିଶି ଆମ ଦେଶକୁ ଆଗେଇ ନେବା । ଆମ ଦେଶ , ଆମ ଜାତି ଓ ଆମ ସଂସ୍କୃତିକୁ ସୁରକ୍ଷିତ ରଖିବା । ଆମ ଦେଶ ଭାରତକୁ ମହାନ୍ କରି ଗଢିବା । ମୁଁ ଏତିକି କହି ମୋର ବକ୍ତବ୍ୟ ଶେଷ କରୁଛି । ଜୟ ହିନ୍ଦ୍ ।